ମୃତ୍ୟୁ ବିଜୟୀ ବାଳକ

ଚିନ୍ତାମଣି ବେହେରା

ଲେଖକ ପରିଚୟ

ଚିନ୍ତାମଣି ବେହେରା: ଚିନ୍ତାମଣି ବେହେରା ଓଡ଼ିଆ ଭାଷା ସାହିତ୍ୟର ଜଣେ ଉଚ୍ଚକୋଟୀର ଅଧ୍ୟାପକ ଏବଂ ପ୍ରତିଭାବାନ ସାହିତ୍ୟିକ ଥିଲେ । ଓଡ଼ିଆ, ଇଂରାଜୀ, ବଙ୍ଗଳା, ହିନ୍ଦୀ ଭାଷା ସାହିତ୍ୟରେ ତାଙ୍କର ଗଭୀର ପ୍ରବେଶ ଥିଲା । ଏସବୁଥିରୁ ପାଇଥିବା ଅଗାଧ ଜ୍ଞାନକୁ ସେ ପ୍ରବନ୍ଧ ଆକାରରେ ଲେଖି ଯାଇଛନ୍ତି । ସମ୍ବଲପୁରରୁ ପ୍ରକାଶିତ 'ମେହେର ପ୍ରଦୀପ' ଓ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ 'ଶିଶୁଲେଖା'ର ସଂପାଦକ ଭାବେ ସେ କାର୍ଯ୍ୟ କରିଥିଲେ । ସେ ଜଣେ ପ୍ରତିଭାବାନ୍ କବି ମଧ୍ୟ ଥିଲେ । 'କାବ୍ୟ ଓ କଳାକାର', 'ବିଦଗ୍ଧ ପାଠକ', 'ଆଧୁନିକତାର କ, ଖ ଓ ଅନ୍ୟାନ୍ୟ ଆଲୋଚନା', 'କଳାଦୃଷ୍ଟି', 'ଚିତ୍ର ଓ ଚରିତ୍ର' ପ୍ରଭୃତି ସମାଲୋଚନା ଗ୍ରନ୍ଥ ଏବଂ 'ଶ୍ୱେତପଦ୍ମ', 'ସ୍ୱସ୍ତିକା', 'ନୂତନ ସ୍ୱାକ୍ଷର', 'ନୀଳଲୋହିତ' ପ୍ରଭୃତି କବିତା ଗ୍ରନ୍ଥ ତାଙ୍କର କୃତି ।

ଏହି ପ୍ରବନ୍ଧଟିରେ ବାଳକ ନଚିକେତାର ସାହସ, ସତ୍ୟପ୍ରତି ନିଷ୍ଠା ଓ ଲକ୍ଷ୍ୟ ସାଧନରେ ଅଟଳ ଉଦ୍ୟମର ବର୍ଣ୍ଣନା କରି ଜଣେ ଛୋଟ ପିଲା କିପରି ମୃତ୍ୟୁକୁ ଜୟ କରିବାର କ୍ଷମତା ରଖେ ତାହା ଅନ୍ୟମାନଙ୍କ ପାଇଁ ଆଦର୍ଶ ଉଦାହରଣ ରୂପେ ବର୍ଣ୍ଣନା କରିଛନ୍ତି ।

ମହର୍ଷି ବାଜଶ୍ରବାଙ୍କର 'ବିଶ୍ୱଜିତ୍' ଯଜ୍ଞପୀଠରେ ବହୁ ଦୂର ଦୂରାନ୍ତରରୁ ଆସି ଅତିଥି ଅଭ୍ୟାଗତମାନେ ଉପସ୍ଥିତ ହୋଇଅଛନ୍ତି । ଋଷି ପ୍ରଫୁଲ୍ଲ ମନରେ ଗୋଟିଗୋଟି କରି ନିଜର ସମସ୍ତ ସଂପତ୍ତି ଅପରକୁ ଦାନ କରିବାରେ ଲାଗିଛନ୍ତି । କାରଣ ଏହି ଯଜ୍ଞର ନିୟମ ହେଉଛି ଯେ ଯଜ୍ଞକର୍ତ୍ତା ନିଜର ସର୍ବସ୍ୱ ଦାନ କରିବେ । ପ୍ରତି ଅଭ୍ୟାଗତଙ୍କର ଅର୍ଚ୍ଚନାକରି ଋଷି ନିଜର ଭୂମି, ଧେନୁ, ସୁବର୍ଣ୍ଣ ପ୍ରଭୃତି ସମସ୍ତ ଦାନ କରୁଛନ୍ତି ଏବଂ ଅଭ୍ୟାଗତମାନେ ଋଷିଙ୍କୁ ଯଜ୍ଞଫଳ ଲାଭ କରିବାର ଆଶୀର୍ବାଦ ଦେଇ ନିଜ ନିଜ ସ୍ଥାନକୁ ପ୍ରତ୍ୟାଗମନ କରୁଛନ୍ତି ।

ଯଜ୍ଞ ପ୍ରାୟ ଶେଷ ହୋଇ ଆସୁଅଛି । ଋଷି ତାଙ୍କର ସମସ୍ତ ସଂପତ୍ତି ଦାନ କରି ସାରିଛନ୍ତି । ବର୍ତ୍ତମାନ ଋଷି ପୁରୋହିତମାନଙ୍କୁ ପଲେଗାଈ ଆଣି ଦାନ କରୁଛନ୍ତି । କିନ୍ତୁ ଗାଈଗୁଡ଼ିକ ଅତି ରୁଗ୍ଣ ଓ ଜୀର୍ଣ୍ଣଶୀର୍ଣ୍ଣ । ବାଜଶ୍ରବାଙ୍କ ପୁତ୍ର ବାଳକ ନଚିକେତା ହୃଷ୍ଟଚିତ୍ତରେ ସମସ୍ତ ଲକ୍ଷ୍ୟ କରୁଥିଲେ । ବର୍ତ୍ତମାନ ବାପା ଏହି ଅକର୍ମଣ୍ୟ ଓ ରୁଗ୍ଣ ଗାଈଗୁଡ଼ିକୁ ଦକ୍ଷିଣା ଦେଉଥିବା ଦେଖି ସେ ବିସ୍ମିତ ଓ ମର୍ମାହତ ହେଲେ । ବାପା ତାଙ୍କର ଏ କଅଣ କରୁଛନ୍ତି ? ସ୍ୱାସ୍ଥ୍ୟହୀନ, ରୁଗ୍ଣ ଓ ଜରାଜୀର୍ଣ୍ଣ ଏଇ ଗାଈସବୁ ଦକ୍ଷିଣା ଦେଇ ବାପା କଅଣ ପୁଣ୍ୟ ଅର୍ଜନ କରିବାକୁ ଚାହାନ୍ତି ? ନଚିକେତାଙ୍କ ମନରେ ଶୁଭବୁଦ୍ଧି ଉଦିତ ହେଲା । ପିତାଙ୍କ ନିକଟରେ ଉପସ୍ଥିତ ହୋଇ ସେ ପ୍ରଶ୍ନ କଲେ, 'ବାପା, ବିଶ୍ୱଜିତ୍ ଯଜ୍ଞରେ ସର୍ବସ୍ୱ ତ ଦାନ କଲେ, କୁହନ୍ତୁ, ମୋତେ କାହାକୁ ଦାନ କଲେ?' ବାଜଶ୍ରବା ପୁତ୍ରର ଏ ପ୍ରଶ୍ନ ପ୍ରତି ଧ୍ୟାନ ଦେଇ ନାହାନ୍ତି । କିଛି ସମୟ ପରେ ଦ୍ୱିତୀୟବାର ପିତାଙ୍କ ନିକଟକୁ ଯାଇ ପୁଣି ସେ ପଚାରିଲେ, କିନ୍ତୁ ଯଜ୍ଞକାର୍ଯ୍ୟରେ ବ୍ୟସ୍ତଥିବାରୁ ପୁତ୍ରର ଏପରି ପ୍ରଶ୍ନର ଉତ୍ତର ନଦେଇ ସେ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଲେ ।

ବାଳକ ନଚିକେତା ଅନୁଭବ କଲେ ଯେ ପିତାଙ୍କର ବିଶ୍ୱଜିତ୍ ଯଜ୍ଞ ନିଶ୍ଚୟ ନିଷ୍ଫଳ ହେବ । କାରଣ ସ୍ନେହର ମାୟାରେ ଅନ୍ଧହୋଇ ସେ ନିଜ ପୁତ୍ରକୁ ଅପରକୁ ଦାନ କରିବାକୁ କୁଣ୍ଠିତ ହେଉଛନ୍ତି । ତେଣୁ ସେ ପୁନର୍ବାର ପିତାଙ୍କ ନିକଟକୁ ଯାଇ କହିଲେ, 'ବାପା, ବିଶ୍ୱଜିତ୍ ଯଜ୍ଞର ଫଳ ପାଇବାକୁ ଇଚ୍ଛା ଥିଲେ ମୋତେ ମଧ୍ୟ ଅନ୍ୟକୁ ଦାନ କରନ୍ତୁ । କୁହନ୍ତୁ, ମୋତେ କାହାକୁ ଦାନ କଲେ ?' ଋଷି ବାଜଶ୍ରବା ଏଥର ଅତ୍ୟନ୍ତ ବିରକ୍ତ ହୋଇ କହିଲେ, 'ହଁ, ଯମକୁ, ତୋତେ ଯମକୁ ମୁଁ ଦାନ କଲି ।'' ଆମର ପୁରାଣ, ଶାସ୍ତ୍ର ଓ ଧର୍ମବିଶ୍ୱାସ ଅନୁଯାୟୀ ଯମ ହେଉଛନ୍ତି ମୃତ୍ୟୁର ଦେବତା ।

ମାତ୍ର ଆଶ୍ଚର୍ଯ୍ୟର କଥା ଯେ ବାଳକ ନଚିକେତା ଅତ୍ୟନ୍ତ ପ୍ରଫୁଲ୍ଲ ଚିତ୍ତରେ ଯମାଳୟକୁ ଯିବାକୁ ପ୍ରସ୍ତୁତ ହେଲେ । ବାଜଶ୍ରବାଙ୍କର ଯଜ୍ଞ ଶେଷ ହେବା ପରେ ଋଷି ବିଶ୍ରାମ କରିବାକୁ ଯାଉଛନ୍ତି, ଏହି ସମୟରେ ନଚିକେତା ଘରୁ ବାହାରିଯାଉଥିବା ଦେଖି ତା'ର

କାରଣ ପୁଅକୁ ପଚାରିଲେ । ନଚିକେତା କହିଲେ, ''ବାପା, ଆପଣଙ୍କ ସତ୍ୟରକ୍ଷା ପାଇଁ ମୋତେ ଯମଙ୍କ ନିକଟକୁ ଯିବାକୁ ହେବ । ଆପଣ ମୋତେ ଯମକୁ ଦାନ କରିଛନ୍ତି ପରା !''

ଋଷିଙ୍କର ନିଜ କହିବା କଥା ମନେ ପଡ଼ିଗଲା । ସେ ସ୍ନେହରେ କହିଲେ, ''ବତ୍ସ, ତାହା କଅଣ ମୋର ଅନ୍ତରର କଥା ! ମୁଁ ବିରକ୍ତିରେ ସେହିଭଳି କହି ଦେଇଥିଲି ସିନା !''

ନଚିକେତା କହିଲେ, ''ଆପଣ ବିଜ୍ଞ ହୋଇ ନିଜର ସତ୍ୟରକ୍ଷା କରିବାକୁ କୁଣ୍ଠା ପ୍ରକାଶ କରନ୍ତୁ ନାହିଁ । ପୁଣି ସବୁ ସଂପତ୍ତିଠାରୁ ଆପଣ ମୋତେ ଅଧିକ ପ୍ରିୟ ବୋଲି ମନେ କରନ୍ତି । ତେଣୁ ମୁଁ ଆପଣଙ୍କର ଶ୍ରେଷ୍ଠ ଧନ । ମୋତେ ଦାନ ନ କଲେ ବିଶ୍ୱଜିତ୍ ଯଜ୍ଞ ତ ଅପୂର୍ଣ୍ଣ ରହିବ ।''

ଋଷି ଏତେବେଳେ ନଚିକେତାଙ୍କ ମନର ଭାବ ବୁଝିଲେ । ବାଳ ହେଲେ ମଧ୍ୟ ନଚିକେତା ଯେଉଁ ଅପୂର୍ବ ସାହସ ଓ ସତ୍ୟନିଷ୍ଠା ଦେଖାଇଛନ୍ତି, ତାହା ମହାଜ୍ଞାନୀ ନିକଟରେ ମଧ୍ୟ ସହଜରେ ଦେଖାଯାଏ ନାହିଁ । ଏଥିରେ ଋଷିଙ୍କର ମନରେ ଟିକିଏ ଗର୍ବ ହେଲା, ପୁଣି ସ୍ନେହର ପୁତ୍ରକୁ ଯମକୁ ଦେବାର ଚିନ୍ତାରେ ଟିକିଏ ଦୁଃଖ ମଧ୍ୟ ହେଲା । କିନ୍ତୁ ନଚିକେତା ଅଟଳ, ଅଚଳ । କଠୋର ସତ୍ୟରକ୍ଷା ପାଇଁ ଋଷି ବାଧହୋଇ ନଚିକେତାଙ୍କୁ ବିଦାୟ ଦେଲେ ।

ଯମପୁରର ରୁଦ୍ଧଦ୍ୱାର ନିକଟରେ ତିନି ଦିନ ଉପବାସରହି ଅପେକ୍ଷା କଲାପରେ ନଚିକେତା ଯମଙ୍କ ଦର୍ଶନ ପାଇଲେ । ଏ ତିନୋଟି ଦିନ ତାଙ୍କର ଅନାହାରରେ ଏବଂ ଅନିଦ୍ରାରେ କଟିଥିଲେ ମଧ୍ୟ ଋଷିକୁମାର ବିଚଳିତ ହୋଇ ନଥିଲେ । ମନରେ ତାଙ୍କର ଉତ୍ସାହ ଓ ବିଶ୍ୱାସ ପୂର୍ବପରି ଥିଲା ଦୃଢ଼ । କିନ୍ତୁ ଧର୍ମରାଜ ଯମ ତାଙ୍କୁ ଗ୍ରହଣ କରିବେ କିପରି ! ବାଳକ ନଚିକେତା ଯମପୁରକୁ ଯିବାକୁ ଚାହିଁଲେ ତ ଯଥେଷ୍ଟ ହେଲା ନାହିଁ ! ଯେ ପର୍ଯ୍ୟନ୍ତ ତାଙ୍କର କାଳ ପୂରି ନାହିଁ, ଯମପୁରର ଦ୍ୱାର ତାଙ୍କ ପାଇଁ ଉନ୍ମୁକ୍ତ ହୋଇ ପାରିବ ନାହିଁ । କିନ୍ତୁ ଦ୍ୱାରଦେଶରେ ତିନିଦିନ ଅନାହାରରେ ଅପେକ୍ଷା କରିଥିବା ଏହି ବାଳକ ଅତିଥିଟିର ସତ୍କାର ତ ଆବଶ୍ୟକ । ତିନିଦିନ ପରେ ନଚିକେତା ଯମଙ୍କ ଦର୍ଶନ ପାଇ ଅତ୍ୟନ୍ତ ସନ୍ତୁଷ୍ଟ ହେଲେ । ଯମ ମଧ୍ୟ ଏ ଅପୂର୍ବ ନିର୍ଭୀକ ଓ ତେଜସ୍ୱୀ ବାଳକର ସାହସ ଓ ବିଶ୍ୱାସକୁ ମନେମନେ ବହୁ ପ୍ରଶଂସା କଲେ, ସ୍ନେହରେ ତାଙ୍କର ହୃଦୟ ବିଗଳିତ ହେଲା । ସେ କହିଲେ, ''ଋଷିକୁମାର, ତୁମେ ମୋର ଅତିଥି । ସତ୍ୟରକ୍ଷା ପାଇଁ ତୁମର ଦୃଢ଼ ପ୍ରତିଜ୍ଞା ଦେଖି ମୁଁ ଅତିଶୟ ପ୍ରୀତ ହୋଇଅଛି । ତୁମେ ମୋ' ଘର ଆଗରେ ତିନିଦିନ ଉପବାସ ରହି କ୍ଳେଶ ଭୋଗିଛ । ଏଥିରେ ମୁଁ ଅତ୍ୟନ୍ତ ବ୍ୟଥିତ । ବର୍ତ୍ତମାନ ତୁମେ ତିନୋଟି ବର ପ୍ରାର୍ଥନା କର ।'' ନଚିକେତା ଅତ୍ୟନ୍ତ ବିନୀତ ଭାବରେ କହିଲା ''ମୋର ପିତା ମୋତେ ହରାଇ ଅତ୍ୟନ୍ତ ସନ୍ତାପ ଭୋଗ କରୁଛନ୍ତି । ତାଙ୍କର ସେହି ଦୁଃଖ ଦୂର କରନ୍ତୁ ଏବଂ ମୁଁ ତାଙ୍କ ନିକଟରେ ଉପସ୍ଥିତ ହେଲେ ସେ ଯେପରି ମୋତେ ପୂର୍ବପରି ସ୍ନେହରେ

ଗ୍ରହଣ କରିବେ, ତାର ବ୍ୟବସ୍ଥା କରନ୍ତୁ ।' ଯମରାଜ ଆନନ୍ଦରେ ଏହି ବର ପ୍ରଦାନ କଲେ ଏବଂ ନଚିକେତାଙ୍କର ପିତୃଭକ୍ତି ଦେଖି ଆହୁରି ପ୍ରୀତ ହେଲେ ।

ନଚିକେତା ଦ୍ୱିତୀୟ ବର ପ୍ରାର୍ଥନା କଲେ, 'ଧର୍ମରାଜ, ସଂସାର ଲୋକଙ୍କର ଦୁଃଖ, ଦୁର୍ଦ୍ଦଶା, ପାପ ଓ ଶୋକ ପ୍ରଭୃତି ଦେଖି ମୋର ମନ ଅତିଶୟ ବ୍ୟାକୁଳ । କି ମନ୍ତ୍ର ସାଧନ କଲେ କିମ୍ବା କେଉଁ ଯଜ୍ଞ ଅନୁଷ୍ଠାନ କଲେ ସେମାନେ ସେଥିରୁ ମୁକ୍ତି ପାଇବେ, ତାହା ମୋତେ କହନ୍ତୁ । ମୁଁ ତାହା ପ୍ରଚାର କରିବି ଏବଂ ତଦ୍ୱାରା ଆପଣଙ୍କର ଯଶ ପ୍ରଚାରିତ ହେବ ।'

ଏ ପ୍ରଶ୍ନ ଶୁଣି ଯମରାଜା ଅତ୍ୟନ୍ତ ବିସ୍ମିତ ହେଲେ । ଧନ୍ୟ ଏହି ବାଳକ ! ଏହି ବୟସରେ ମଧ୍ୟ ସଂସାରର ପାପ, ଦୁଃଖ, ଶୋକ ଏହାଙ୍କ ମନକୁ ଏପରି ବିଚଳିତ କରୁଅଛି ! ପ୍ରକାଶ୍ୟରେ କହିଲେ, 'ନଚିକେତା, ତୁମର ଏହି ପ୍ରଶ୍ନରେ ମୁଁ ଅତ୍ୟନ୍ତ ସନ୍ତୁଷ୍ଟ । ସଂସାରର ପାପ, ଅନ୍ୟାୟ ପାଇଁ ମୃତ୍ୟୁ ପରେ ଦଣ୍ଡର ବ୍ୟବସ୍ଥା କରିବା ମୋର କର୍ତ୍ତବ୍ୟ, କିନ୍ତୁ ସେ କର୍ତ୍ତବ୍ୟ କି କଠୋର ଓ ମର୍ମନ୍ତୁଦ ତାହା ମୋତେ ହିଁ ଜଣା । ତେଣୁ ଏହି ଉପାୟଟି ଶିକ୍ଷା ଦେବାରେ ମୋର ତିଳେହେଲେ ଆପତ୍ତି ନାହିଁ । କିନ୍ତୁ ତୁମେ ବାଳକ ମାତ୍ର । ତୁମେ କଅଣ ତାହା ସ୍ମରଣ ରଖିପାରିବ !''

ନଚିକେତା ଅତ୍ୟନ୍ତ ଆଗ୍ରହ ଓ ବିନୟରେ ପ୍ରାର୍ଥନା କଲେ, ''ଧର୍ମରାଜ, ଦୟାକରି ମୋତେ କହନ୍ତୁ । ମୁଁ ମନୋଯୋଗ ସହକାରେ ଶ୍ରବଣ କରି ଅବଶ୍ୟ ସ୍ମରଣ କରିପାରିବି ବୋଲି ଆଶା କରୁଛି ।''

ତତ୍ପରେ ଯମ ଏକ ନୂତନ ମନ୍ତ୍ରର ସାଧନା ଏବଂ ଯଜ୍ଞବିଧି ବିଷୟରେ କହିଲେ । ବାଳକ ନଚିକେତା ଅପୂର୍ବ ଆଗ୍ରହ ଓ ମନୋଯୋଗ ସହିତ ତାହା ଶ୍ରବଣ କଲେ । ଏଥର ଆସିଲା ପରୀକ୍ଷାର ସମୟ । ଯମରାଜାଙ୍କ ମନରେ ଅଦ୍ଭୁତ ବିସ୍ମୟ ଜଗାଇ ନଚିକେତା ସମସ୍ତ ବିଷୟ ଠିକ୍‌ଠିକ୍ କହି ଦେଇଗଲେ । ଯମରାଜ ଅତ୍ୟନ୍ତ ଆନନ୍ଦରେ ନିଜ କଣ୍ଠରୁ ରତ୍ନମାଳା କାଢ଼ି ନଚିକେତାଙ୍କ ଗଳାରେ ପିନ୍ଧାଇ ଦେଲେ । ଏହି ପରି ଏକ ଅସାଧାରଣ ଶିଷ୍ୟ ଲାଭ କରି ତାଙ୍କର ମନ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଲା ।

ଅତ୍ୟନ୍ତ ସନ୍ତୋଷରେ ଯମ କହିଲେ, ''ବସ, ଏ ପର୍ଯ୍ୟନ୍ତ ତୃତୀୟ ବର ତୁମେ ମାଗି ନାହଁ । ନିଜ ପାଇଁ କାମନା କରିବାର କଅଣ କିଛି ନାହିଁ । ସ୍ୱର୍ଗର ଅପୂର୍ବ ଭୋଗବିଳାସ, ପୃଥିବୀର ଅଖଣ୍ଡ ଆଧିପତ୍ୟ ଓ ଆଶ୍ଚର୍ଯ୍ୟ ସାମଗ୍ରୀ ଯାହା ଚାହିଁବ, ତୁମକୁ ମୋର ଅଦେୟ ହୋଇ କିଛି ନାହିଁ । ପ୍ରାର୍ଥନା କର ।'' କିନ୍ତୁ ନଚିକେତାଙ୍କର ମନ ଏହି ସଂସାରର ଅସ୍ଥାୟୀ ସୁଖ ଚାହୁଁ ନଥିଲା । ଯମରାଜାଙ୍କ ପରି ଜ୍ଞାନୀ ଗୁରୁଙ୍କୁ ପାଇ ସେ କଅଣ କେବଳ ସ୍ୱର୍ଣ୍ଣ, ରାଜ୍ୟ ଆଉ ଧନ କାମନା କରିବେ । ମୁହୂର୍ତ୍ତକ ମଧ୍ୟରେ ନିଜର ମନ ସ୍ଥିର କରି ନଚିକେତା କହିଲେ, ''ଗୁରୁଦେବ ଆପଣଙ୍କ ପ୍ରସାଦରୁ ମୋର ଦୁଇଟି କାମନା

ପୂର୍ଣ୍ଣ ହୋଇଅଛି । ସଂସାର ସୁଖ ପ୍ରାର୍ଥନା କରି ମୋର କଅଣ ହେବ ! ଆପଣ ଯଦି ସନ୍ତୁଷ୍ଟ ହୋଇଅଛନ୍ତି, ତେବେ ମୋତେ ମୃତ୍ୟୁଜୟୀ ଆତ୍ମଜ୍ଞାନ ପ୍ରଦାନ କରନ୍ତୁ ।''

ମୃତ୍ୟୁଜୟୀ ଆତ୍ମଜ୍ଞାନ ! ଆତ୍ମାର ବିଷୟ ଅତି ଜଟିଳ ଏବଂ ରହସ୍ୟପୂର୍ଣ୍ଣ । ମହାଜ୍ଞାନୀ ଏବଂ ମହର୍ଷିମାନେ ଯୁଗଯୁଗ ଚେଷ୍ଟା ଓ ଚିନ୍ତା କରି ତାହା ଜାଣିବାକୁ ସମର୍ଥ ହୁଅନ୍ତି ନାହିଁ । ନଚିକେତା କୋମଳମତି ବାଳକ । ତାଙ୍କୁ ଏ ଗଭୀର ଜ୍ଞାନ ପ୍ରଦାନ କରାଯିବ କିପରି ! ଯମରାଜ ଟିକିଏ ଚିନ୍ତିତ ହେଲେ । ପୁଣି ନଚିକେତାଙ୍କୁ ଅନ୍ୟ ବର ପ୍ରାର୍ଥନା କରିବାକୁ କହିଲେ । କିନ୍ତୁ ନଚିକେତାଙ୍କ ମନରେ ଅନ୍ୟ କୌଣସି କାମନା ନାହିଁ । ଶେଷରେ ଯମରାଜ ଅତିଶୟ ଆନନ୍ଦରେ ନଚିକେତାଙ୍କୁ ଆତ୍ମଜ୍ଞାନର ଗୂଢ଼ତତ୍ତ୍ୱ ବିଷୟରେ କହିଲେ । ନଚିକେତା ଆତ୍ମଜ୍ଞାନର ଅଧିକାରୀ ହୋଇ ଗୁରୁଦେବଙ୍କ ଚରଣରେ ଭକ୍ତି-ପ୍ରଣତି ଜ୍ଞାପନ କଲେ । ଯମରାଜାଙ୍କ ସ୍ନେହ ତ ଅବର୍ଣ୍ଣନୀୟ । ଏପରି ଶିଷ୍ୟ ପାଇ ସେ ନିଜକୁ ଧନ୍ୟ ମନେ କଲେ ଏବଂ ସମସ୍ତମନ୍ତ୍ରର ସାଧନା କରିବାକୁ ଉପଦେଶ ଦେଇ ଆଲିଙ୍ଗନପୂର୍ବକ ଆଶୀର୍ବାଦ କରି ନଚିକେତାଙ୍କୁ ବିଦାୟ ଦେଲେ ।

ସୂଚନା:

ସ୍ୱ – ନିଜର

ସର୍ବସ୍ୱ – ନିଜର ସବୁ କିଛି, ସମସ୍ତ ସଂପତ୍ତି

ଜୀର୍ଣ୍ଣଶୀର୍ଣ୍ଣ – ଶୁଖି ସରୁ ହୋଇ ଯାଇଥିବା, କ୍ଷୀଣ ଓ ଦୁର୍ବଳ

ଜରା – ବୁଢ଼ା ଅବସ୍ଥା

ବତ୍ସ – ଏଠାରେ ଶିଷ୍ୟ ବା ସ୍ନେହାସ୍ପଦ ବ୍ୟକ୍ତି (ପୁତ୍ର ପରି)

ବାଳ – ଶିଶୁ, ବାଳକ, ବାଲ୍ୟ

ଅଦେୟ – ଯାହା ନ ଦେବାର ଯୋଗ୍ୟ

ମର୍ମାହତ – ଦୁଃଖରେ ଭାଙ୍ଗିପଡ଼ିବା

ଉନ୍ମୁକ୍ତ – ଖୋଲା

ଅଭ୍ୟାସ

୧. **ଉତ୍ତର କୁହ ।**

(କ) ମହର୍ଷି ବାଜଶ୍ରବା କେଉଁ ଯଜ୍ଞର ଆୟୋଜନ କରିଥିଲେ ?

(ଖ) ଯଜ୍ଞର ନିୟମଗୁଡ଼ିକ କ'ଣ କ'ଣ ଥିଲା ?

(ଗ) ନଚିକେତା କାହିଁକି ବିସ୍ମିତ ଓ ମର୍ମାହତ ହେଲେ ?

(ଘ) ନଚିକେତାଙ୍କ ପ୍ରଥମ ବର କ'ଣ ଥିଲା ?

(ଙ) ଯମରାଜା କେତେବେଳେ ନଚିକେତାଙ୍କୁ ଅନ୍ୟ ବର ପ୍ରାର୍ଥନା କରିବାକୁ କହିଲେ ?

୨. **ଉତ୍ତର ଲେଖ ।**

(କ) ମହର୍ଷି ବାଜଶ୍ରବା ଉପସ୍ଥିତ ଅତିଥି ଅଭ୍ୟାଗତଙ୍କର କିପରି ଅର୍ଚ୍ଚନା କରିଥିଲେ ?

(ଖ) ନଚିକେତା କେଉଁ କାରଣରୁ ଦୁଃଖିତ ହେଲେ ?

(ଗ) ନଚିକେତା ଦ୍ୱିତୀୟ ବରରେ କ'ଣ ପ୍ରାର୍ଥନା କରିଥିଲେ ?

(ଘ) ଯମରାଜା ତୃତୀୟ ବରରେ କ'ଣ ପ୍ରାର୍ଥନା କରିବା ପାଇଁ ନଚିକେତାଙ୍କୁ କହିଥିଲେ ?

(ଙ) ଯମ ନଚିକେତାଙ୍କୁ ରତ୍ନମାଳ ପିନ୍ଧାଇ ଦେଲେ କାହିଁକି ?

୩. **ସରଳାର୍ଥ ଲେଖ ।**

(କ) ନଚିକେତାଙ୍କ ମନରେ ଶୁଭ ବୁଦ୍ଧି ଉଦିତ ହେଲା ।

(ଖ) ଆପଣ ବିଜ୍ଞ ହୋଇ .... ଆପଣଙ୍କ ଶ୍ରେଷ୍ଠ ଧନ ।

(ଗ) ସ୍ୱର୍ଗର ଅପୂର୍ବ ଭୋଗବିଳାସ .... ଅଦେୟ ହୋଇ କିଛି ନାହିଁ ।

୪. **ଉଦାହରଣକୁ ଲକ୍ଷ୍ୟ କରି ବାକ୍ୟଗୁଡ଼ିକୁ ପରିବର୍ତ୍ତନ କର ।**

ଉଦାହରଣ : ମୁଁ ପଢ଼ିବାକୁ ଭଲ ପାଏ । (ମୂଳବାକ୍ୟ)
ଆମେ ପଢ଼ିବାକୁ ଭଲ ପାଉ । (ପରିବର୍ତ୍ତିତ ବାକ୍ୟ)

(କ) ବାଳକଟି ବିଦ୍ୟାଳୟକୁ ଯାଉଅଛି ।

(ଖ) ଗାଈଟିଏ ପଡ଼ିଆରେ ଚରୁଅଛି ।

(ଗ) ସେ ଯମପୁର ଗଲା ।

(ଘ) ମୁଁ ଭବାନୀପାଟଣା ଯିବି ।

(ଙ) ପକ୍ଷୀଟିଏ ଆକାଶରେ ଉଡୁଅଛି ।

୫. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ ଓ ବାକ୍ୟ ଗଠନ କର ।

ମୃତ୍ୟୁଜୟୀ	ଅବର୍ଣ୍ଣନୀୟ	ମର୍ମନ୍ତୁଦ
ବିସ୍ମୟ	ମନସ୍ତାପ	ଆଧିପତ୍ୟ
ଅନାହାର	ପ୍ରତ୍ୟାଗମନ	ଅକର୍ମଣ୍ୟ

୬. 'ସର୍ବ' ଶବ୍ଦ ପରେ 'ସ୍ୱ' ବସିଲେ 'ସର୍ବସ୍ୱ' ହୁଏ ।

ସେହିପରି 'ରାଜ' ଶବ୍ଦ ପୂର୍ବରେ 'ସ୍ୱ' ବସିଲେ 'ସ୍ୱରାଜ' ହୁଏ ।

ଏହିପରି ଶବ୍ଦର ପୂର୍ବରେ ବା ପରେ ସ୍ୱ ଯୋଡ଼ି ଆଉ କେତୋଟି ଶବ୍ଦ ଲେଖ ।

୭. 'ଚାକର' ଶବ୍ଦ ସ୍ତ୍ରୀ ଲିଙ୍ଗରେ ହେବ 'ଚାକରାଣୀ' ।

ସେହିପରି ବୃତ୍ତ ଭିତରେ ଥିବା ଶବ୍ଦଗୁଡ଼ିକର ସ୍ତ୍ରୀଲିଙ୍ଗ ରୂପ କ'ଣ ହେବ ଲେଖ ।

ଜନକ

ମହାରାଜ ବାଘ ବୁଢ଼ା

ପିତା ଶିଷ୍ୟ ସ୍ୱାମୀ

୮. ତଳେ ଦିଆଯାଇଥିବା ପଦଗୁଡ଼ିକର ବଚନ ଚିହ୍ନାଇ ଦିଅ ।

ଅଭ୍ୟାଗତମାନେ, ପଲେ ଗାଈ, ଆପଣ, ଗାଈଗୁଡ଼ିକ, ତିନୋଟି ଦିନ

୯. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।

ପୂର୍ଣ୍ଣ	ବୁଢ଼ା	ଅବର୍ଣ୍ଣନୀୟ	ଜ୍ଞାନୀ
ପାପ	ଶେଷ	ନିଦ୍ରା	ବ୍ୟବସ୍ଥା

୧୦. ପ୍ରାୟ ୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।

(କ) କେଉଁ ଗୁଣାବଳୀ ପାଇଁ ନଚିକେତା ଆତ୍ମଜ୍ଞାନର ଅଧିକାରୀ ହୋଇପାରିଥିଲେ ?

(ଖ) ଯମ ଓ ନଚିକେତାଙ୍କ କଥୋପକଥନ ସରଳ ଭାଷାରେ ବର୍ଣ୍ଣନା କର ।

ତୁମ ପାଇଁ କାମ

- ଏହିପରି ଅନ୍ୟାନ୍ୟ ପୌରାଣିକ ଉପାଖ୍ୟାନ ପଢ଼ି ଶିକ୍ଷଣୀୟ କଥା ସଂଗ୍ରହ କରି ଲେଖ ।
- ଚିନ୍ତାମଣି ବେହେରାଙ୍କ ଅନ୍ୟାନ୍ୟ ଲେଖା ସଂଗ୍ରହ କରି ପଢ଼ ।